# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28 July – 2026**

*************************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଧେୟକ-୨୦୨୬ ଉପରେ ଜାରି ରହିଛି ଆଲୋଚନା

— ନୂତନ ବିଲ୍ ଦେଶର ଯୁବବର୍ଗଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ; କହିଲେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ

- ଭିବି-ଜି.ରାମ.ଜି ଅଧୀନରେ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି ୯୫ ହଜାର ୬୯୨ କୋଟି ଟଙ୍କା

- ଗଭୀର ଅବପାତ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ରାଜ୍ୟର କେତେକ ସ୍ଥାନରେ ବନ୍ୟା ପରିସ୍ଥିତି

— ପ୍ରଭାବିତ ଅଂଚଳରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ

ଏବଂ

- ସୁରକ୍ଷା ଓ ପରିବେଶ ସନ୍ତୁଳନ ନେଇ ସଚେତନତା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

## ଏଲ୍‌ଏସ୍‌-ଏକ୍ସାମ୍‌ବିଲ୍‌

ଲୋକସଭାରେ ଆଜି ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍‌ ୨୦୨୬ ଉପରେ ଆଲୋଚନା ଆରମ୍ଭ ହୋଇଛି। ୨୦୨୪ ଆଇନ୍‌କୁ ସଂଶୋଧନ ନେଇ ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଛି। ଗତକାଲି ଏହି ବିଲ୍‌ ଗୃହରେ ଆଗତ ହୋଇଥିଲା। କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍‌ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ବିଲ୍‌ ଉପରେ ଆଲୋଚନା କରି କହିଛନ୍ତି, ନୂତନ ବିଲ୍‌ ଦେଶର ଛାତ୍ର ଏବଂ ଯୁବବର୍ଗଙ୍କ କଲ୍ୟାଣ ପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଦର୍ଶାଉଛି।

ଭାରତୀୟ ସଂସଦ ଇତିହାସରେ ଏହି ବିଲ୍‌ ଏକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌ ବୋଲି ମନ୍ତ୍ରୀ ଶ୍ରୀ ସିଂହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବର୍ତ୍ତମାନର ପ୍ରଶ୍ନପତ୍ର ଘଟଣାକୁ ଦୃଷ୍ଟିରେ ରଖି ଆଇନଗତ ଢାଞ୍ଚାକୁ ଅଧିକ ମଜଭୁତ କରିବାର ଆବଶ୍ୟକତା ରହିଛି। କଠୋର ଆଇନ୍‌ ଆଣିବା ପାଇଁ ବିଲ୍‌ରେ ସଂଶୋଧନ କରାଯାଇଛି ବୋଲି ଶ୍ରୀ ସିଂହ କହିଛନ୍ତି।

**- V/O –**

ଏହି ବିଲ୍‌ରେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ ଦଣ୍ଡ, ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଦୋଷୀ ସାବ୍ୟସ୍ତ ଅପରାଧିଙ୍କ ସମ୍ପତ୍ତି ଜବତ ଭଳି କଠୋର ଦଣ୍ଡବିଧାନ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଛି। ମାମଲାର ଶୀଘ୍ର

ସମାଧାନ ଲକ୍ଷ୍ୟରେ ପ୍ରତ୍ୟେକ ଦିନ ବିଚାର ପାଇଁ ଫାଷ୍ଟ୍ରାକ୍ କୋର୍ଟ୍ ପ୍ରତିଷ୍ଠା କରିବାକୁ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଏହି ବିଲ୍ ଅଧୀନରେ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ସିଂ କହିଛନ୍ତି।

## ରାଷ୍ଟ୍ରପତି-୪ ବର୍ଷ ପୂରଣ

ଦେଶରେ ଭାରତୀୟତାର ଭାବନାକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ଭାବରେ ୪ ବର୍ଷ ପୂରଣ କରିବା ଅବସରରେ ଆଜି ଆଭାସୀ ମାଧ୍ୟମରେ ସେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଗତ ୪ ବର୍ଷ ମଧ୍ୟରେ ସମାବେଶୀ ବିକାଶ ସହିତ ଦେଶର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଏବଂ ସ୍ୱାଭିମାନର ଭାବନାକୁ ପୁନର୍ଜୀବିତ କରାଯାଇଛି। ରାଷ୍ଟ୍ରପତି ବଚପନ୍ ବାଲ୍ ପରିସରର ଉଦ୍‌ଘାଟନ କରି ପିଲାମାନଙ୍କ ସହ ଭାବବିନିମୟ କରିଛନ୍ତି।

ରାଷ୍ଟ୍ରପତି ଭବନକୁ ଆସୁଥିବା ପରିଦର୍ଶକଙ୍କର ଅଭିଜ୍ଞତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ଏକ ଆପ୍ ଆଧାରିତ ବହୁଭାଷୀ ଇ-ଅଡିଓ ଗାଇଡ୍‌କୁ ମଧ୍ୟ ରାଷ୍ଟ୍ରପତି ଉଦ୍‌ଘାଟନ କରିଛନ୍ତି।

## ସୁଭଦ୍ରା ଭିଜନ ସମ୍ମିଳନୀ

ବ୍ରହ୍ମପୁରସ୍ଥିତ ଏନ୍‌ଆଇଏସ୍‌ଟି ବିଶ୍ୱବିଦ୍ୟାଳୟଠାରେ ଆଂଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ପରିଡା କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସଶକ୍ତୀକରଣ, ଆର୍ଥିକ ସ୍ୱାବଲମ୍ବନ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ବ୍ଲକ୍‌ସ୍ତରୀୟ ଫେଡେରେସନଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ମିଶନ୍ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡକ୍ଟର ମୋନିକା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ହସ୍ତତନ୍ତ ବୈଠକ

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ଭୁବନେଶ୍ୱରସ୍ଥିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନଠାରେ ୧୫ଟି ଅତିରିକ୍ତ ହସ୍ତଶିଳ୍ପ ପାଠ୍ୟକ୍ରମ ପ୍ରସ୍ତୁତି ଓ ପ୍ରଶିକ୍ଷଣ ନିମନ୍ତେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ପାଠ୍ୟକ୍ରମକୁ ବଜାର ଚାହିଦା, ରପ୍ତାନୀ ସମ୍ଭାବନା, କଞ୍ଚାମାଲ ଉପଲବ୍ଧତା, ପାରମ୍ପରିକ ଗୁରୁତ୍ୱ ଏବଂ ରୋଜଗାର ସୁଯୋଗ ଭଳି ବିଭିନ୍ନ ମାନଦଣ୍ଡକୁ ଆଧାର କରି ପ୍ରସ୍ତୁତ କରାଯାଇଛି। ଏକବର୍ଷିଆ ପ୍ରଶିକ୍ଷଣରେ କଞ୍ଚାମାଲର ଉପଯୋଗ, ଉତ୍ପାଦ ବିକାଶ, ଗୁଣବତ୍ତା ନିୟନ୍ତ୍ରଣ ଏବଂ ଇଣ୍ଟର୍ଣ୍ଣସିପ୍ ଭଳି ବିଭିନ୍ନ ବିଷୟ ସାମିଲ କରାଯାଇଛି।

## ଏସ୍‌ଆଇଆର

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ ଅଧିକାରୀ ବୌଦ୍ଧ ଜିଲ୍ଲା ଗସ୍ତ କରି ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ

ସଂଶୋଧନ-ଏସ୍‌ଆଇଆର-୨୦୨୬ ଅନ୍ତର୍ଗତ ବିଭିନ୍ନ ଦାବି ଓ ଆପତ୍ତି ଗ୍ରହଣ ଏବଂ ଶୁଣାଣି ପ୍ରକ୍ରିୟାର ସମୀକ୍ଷା କରିଛନ୍ତି । ଏହି ଅବସରରେ ଭୋଟରମାନଙ୍କ ସହ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପଶ୍ଚିମ-ଉତ୍ତର ଓଡ଼ିଶା ସଂଲଗ୍ନ ଅଞ୍ଚଳରେ ସକ୍ରିୟ ଗଭୀର ଅବପାତର ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଛି । ଗଭୀର ଅବପାତ  ପଶ୍ଚିମବଙ୍ଗର ଦୀଘା ନିକଟତର ହୋଇ ସ୍ଥଳଭାଗ ଅତିକ୍ରମ କରିଛି । ବର୍ତ୍ତମାନ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୨୩ଟି ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ସାଳନ୍ଦୀ, କାଂଶବାଂଶ, ଜଳକା ଓ ବୈତରଣୀରେ ଜଳସ୍ତର ବିପଦ ସଂକେତ ଉପରେ ରହିଥିବା ନେଇ ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ **ଦିଲ୍ଲୀପ ରାଉତ** କହିଛନ୍ତି ।

**ଭଦ୍ରକ** ଜିଲ୍ଲାର ବୈତରଣୀ ନଦୀ ଆଖୁଆପଦାଠାରେ ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୧୮ ଦଶମିକ ୮/୫ ମିଟର ଥିବାବେଳେ ବିପଦସଂକେତ ସ୍ତର ୧୮ ଦଶମିକ ୩/୩ ମିଟର ରହିଛି। ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସହିତ ଜିଲ୍ଲାର ଧାମନଗର ବ୍ଲକର କେତେକ ତଳିଆ ଅଚଂଳରେ ପହଂଚି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ଭଦ୍ରକ ସମ୍ବାଦଦାତା।

**- V/O -**

**ଯାଜପୁର** ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଲଗାଣ ବର୍ଷା ଓ ବୈତରଣୀ ନଦୀରେ ସମ୍ଭାବ୍ୟ ବନ୍ୟାସ୍ଥିତିକୁ ନେଇ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବର୍ଷା ଯୋଗୁଁ ଫସଲ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରିବାକୁ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ବୌଦ୍ଧ** ଜିଲ୍ଲାରେ ଗତକାଲିଠାରୁ ଲଗାଣ ବର୍ଷା ଜାରି ରହିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଶିକ୍ଷାନୁଷ୍ଠାନ ଆଜି ପାଇଁ ବନ୍ଦ ରହିଛି। ନଦୀକୂଳବର୍ତ୍ତୀ ଅଂଚଳର ବାସୀନ୍ଦାମାନଙ୍କୁ ସତର୍କ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଉପରମୁଣ୍ଡରେ ଲଗାଣ ବର୍ଷା ଏବଂ ମହାନଦୀରେ ବନ୍ୟାଜଳ ପ୍ରବାହ ଯୋଗୁଁ **କଟକ** ଜିଲ୍ଲା ମୁଣ୍ଡୁଳି ବ୍ୟାରେଜ୍‌ରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତଳିଆ ଅଂଳଚରେ ବନ୍ୟା ବିପଦକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ

ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ବିପର୍ଯ୍ୟୟ ପରିଚାଳନା ଆଇନ୍ ୨୦୦୫ର ଧାରା ୩୪ ଅନୁଯାୟୀ ଜିଲ୍ଲାରେ କଟକଣା ଜାରି କରିଛନ୍ତି। ଜାରି ହୋଇଥିବା ନିର୍ଦ୍ଦେଶ ଅନୁସାରେ, ମହାନଦୀ ଏବଂ ଏହାର ଶାଖା ନଦୀଗୁଡ଼ିକର ସମସ୍ତ ଘାଟକୁ ସାଧାରଣ ଲୋକଙ୍କ ପ୍ରବେଶ ସମ୍ପୂର୍ଣ୍ଣରୂପେ ନିଷେଧ କରାଯାଇଛି।

ରାଜ୍ୟରେ ବର୍ଷା ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ **ସୁରେଶ ପୂଜାରୀ** କହିଛନ୍ତି। ଗତ ୨୪ ଘଣ୍ଟାରେ ହାରାହାରି ୪୨ ଦଶମିକ ୨ ମିଲିମିଟର ବର୍ଷା ହୋଇଯାଇଛି। ୮ଟି ବ୍ଲକ୍‌ରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ସୁନ୍ଦରଗଡ଼, ବାଲେଶ୍ୱର ଓ ଭଦ୍ରକରେ ଓଡ୍ରାଫ୍ ଓ ଅଗ୍ନିଶମ ଦଳ ମୁତୟନ ଅଛନ୍ତି। ପ୍ରଭାବିତ ଅଂଚଳରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ଶ୍ରୀ ପୂଜାରୀ କହିଛନ୍ତି।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସନ୍ଧ୍ୟା ୬ଟା ସୁଦ୍ଧା ୬୧୩ ଦଶମିକ ୭/୭ ଫୁଟ ରହିଛି। ଜଳଭଣ୍ଡାର ମଧକୁ ପ୍ରତିସେକେଣ୍ଡ୍‌ରେ ୧ ଲକ୍ଷ ୬୨ ହଜାର ୩୨୭ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୨ଟି ଗେଟ୍ ଦେଇ ୬୨ ହଜାର ୨୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ଆଜି ମୁଣ୍ଡୁଳି ବ୍ୟାରେଜ୍ ଦେଇ ୬ ଲକ୍ଷ ୩୭ ହଜାର ୫୮୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

## ମୁଖ୍ୟମନ୍ତ୍ରୀ-ଜ୍ୟୋତିର୍ମୟୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତବର୍ଷର ଇଣ୍ଡିଆନ୍ ଆଇଡଲ ସିଜନ-୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଏଥିସହିତ ଜ୍ୟୋତିର୍ମୟୀଙ୍କ ଅସାଧାରଣ କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି।

## ପ୍ରତିଷ୍ଠା ଦିବସ

**ନୟାଗଡ଼** ଜିଲ୍ଲା ରଣପୁର ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ସମାରୋହରେ ବାଚସ୍ପତି ସୁରମା ପାଢୀ ମୁଖ୍ୟଅତିଥି ଭାବରେ ଯୋଗଦେଇ  ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବ୍ୟବହାରିକ ଜ୍ଞାନ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ମାଇ ଭାରତ

କେନ୍ଦ୍ର ସରକାରଙ୍କ ଯୁବକଲ୍ୟାଣ ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇ ଭାରତ' ବୌଦ୍ଧ ଶାଖା ପକ୍ଷରୁ କଣ୍ଢାମାଳଠାରେ ନିଶାମୁକ୍ତ ଭାରତ ଗଠନରେ ଯୁବଶକ୍ତିର ଭୂମିକା ଶୀର୍ଷକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅଧିକାରୀମାନେ ଯୋଗଦେଇ ନିଶାମୁକ୍ତ ଭାରତ ଗଠନ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

## ଲକ୍ଷ୍ମଣାନନ୍ଦ

ଫୁଲବାଣୀ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରିବା ସରକାରଙ୍କ ନିଷ୍ପତ୍ତିକୁ **କନ୍ଧମାଳ** ଜିଲ୍ଲାବାସୀ ସ୍ୱାଗତ କରିଛନ୍ତି। ସାଂସଦ ସୁକାନ୍ତ ପାଣିଗ୍ରାହୀ କହିଛନ୍ତି, ସରକାରଙ୍କର ଏହି ପଦକ୍ଷେପ ଜିଲ୍ଲା ପାଇଁ ଗର୍ବ ଓ ଗୌରବ।

ଜନଜାତି ସମାଜର ଶିକ୍ଷା, ସେବା, ସଂସ୍କୃତି ଓ ସାମାଜିକ ଜାଗରଣ କ୍ଷେତ୍ରରେ ସ୍ୱାମିଜୀଙ୍କର ଅତୁଳନୀୟ ଅବଦାନକୁ ଏହା ଉଚିତ ସମ୍ମାନ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

## ଦୁଗ୍ଧ ସଂଗ୍ରହ-ବୈଠକ

ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ସଚିବ ପ୍ରେମଚନ୍ଦ୍ର ଚୌଧୁରୀ ଆଜି ଦିନିକିଆ **ନୂଆପଡା** ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଦୁଗ୍ଧ ସମବାୟ ସମିତି, ଗୋଶାଳା ଏବଂ ଦୁଗ୍ଧ ସଂଗ୍ରହ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଜିଲ୍ଲାର ସଦ୍‌ଭାବନା କେନ୍ଦ୍ରଠାରେ ଜିଲ୍ଲା ଉନ୍ନୟନ କମିଟି ବୈଠକରେ ସମୀକ୍ଷା କରିଛନ୍ତି। ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

ପ୍ରକୃତି ହେଉଛି ମଣିଷ ଜୀବନର ମୂଳ ଆଧାର। ଏହାର ସୁରକ୍ଷା ଓ ପରିବେଶ ସନ୍ତୁଳନ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ‘ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ’ ପାଳନ କରାଯାଉଛି।  ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି ‘ପ୍ରକୃତି ସହ ସାମଞ୍ଜସ୍ୟ ରକ୍ଷା କରି ସ୍ଥାୟୀ ଜୀବନଶୈଳୀ ଅବଲମ୍ବନ’ କରିବା ।